ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/H&FW(OD)/852/11-12-2020

# ଗର୍ଭଧାରଣପୂର୍ବ ଓ ପ୍ରସୂତିପୂର୍ବ ପୋର୍ଟାଲ ଲୋକାର୍ପିତ

**ଭୁବନେଶ୍ୱର :୧୧ ଡିସେମ୍ବର,୨୦୨୦**

ଚଳିତ ୨୦୨୦ ବର୍ଷରୁ ରାଜ୍ୟ ସରକାର ଗର୍ଭଧାରଣ ପୂର୍ବ ଓ ପ୍ରସୂତିପୂର୍ବ ରୋଗ ନିର୍ଣ୍ଣୟ (ପି.ସି ଏବଂ ପି.ଏନ୍.ଡି.ଟି) ସମ୍ବନ୍ଧୀୟ ଅଲଟ୍ରାସାଉଣ୍ଡର ପଂଜୀକରଣ ଏବଂ ନବୀକରଣ ସୁବିଧାକୁ ଲୋକସେବା ଆଇନ ଅଧିକାର ପରିସରଭୁକ୍ତ କରିଛନ୍ତି ।

ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଗର୍ଭଧାରଣପୂର୍ବ ଏବଂ ପ୍ରସୂତିପୂର୍ବ ରୋଗ ନିର୍ଣ୍ଣୟ (ପି.ସି ଏବଂ ପି.ଏନ୍.ଡି.ଟି) ସମ୍ବନ୍ଧୀୟ ଅଲଟ୍ରାସାଉଣ୍ଡ ପଂଜୀକରଣ ଏବଂ ନବୀକରଣ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ସେବାକୁ ଉନ୍ମୋଚନ କରିଛନ୍ତି । ଭର୍ଚୁଆଲ୍ ମୋଡ୍‌ରେ ଏହି ସଫ୍ଟୱେୟାର ଲୋକାର୍ପଣ ଅବସରରେ ଶ୍ରୀ ମହାପାତ୍ର ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ (ଯେଉଁମାନେ କି ଗର୍ଭଧାରଣ ପୂର୍ବ ଓ ପ୍ରସୂତି ପୂର୍ବ ରୋଗ ନିର୍ଣ୍ଣୟ ସମ୍ବନ୍ଧୀୟ (ପି.ସି ଏବଂ ପି.ଏନ୍.ଡି.ଟି) ଜିଲ୍ଲାସ୍ତରୀୟ ଉପଯୁକ୍ତ କର୍ତ୍ତୃପକ୍ଷ) ଅନ୍‌ଲାଇନ୍ ମାଧ୍ୟମରେ ସଂପୃକ୍ତ ଜିଲ୍ଲାର ଏ ସମ୍ବନ୍ଧୀୟ ଦରଖାସ୍ତ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଠିକ୍ ସମୟରେ ପଂଜୀକରଣ ଏବଂ ନବୀକରଣ ଓ ସ୍ୱଚ୍ଛତା ମାଧ୍ୟମରେ ଅଲଟ୍ରାସାଉଣ୍ଡ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆବେଦନ ଏକ ଉପଯୁକ୍ତ ମାଧ୍ୟମ ଏବଂ ଏଥିପାଇଁ ୭୦ ଦିନ ସମୟ ଧାର୍ଯ୍ୟ ହୋଇଛି ।

ଦରଖାସ୍ତ ଦାଖଲ କରିବା, ଟଙ୍କା ପଇଠ କରିବା ଏବଂ ଦରଖାସ୍ତର ସ୍ଥିତି ଆବେଦନକାରୀ ଅନ୍‌ଲାଇନ୍‌ରେ ଜାଣିପାରିବେ । ସମସ୍ତ ଆବଶ୍ୟକୀୟ ତଥ୍ୟ ୱେବ୍ ପୋର୍ଟାଲ୍ (www.pndtodisha.gov.in)ରେ ଅପ୍‌ଲୋଡ୍ କରାଯାଇଛି ।

ଏହି ଭର୍ଚୁଆଲ୍ ଲୋକାର୍ପଣ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଓଡ଼ିଶା ରାଜ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଅଶୋକ କୁମାର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ଶାସନ ସଚିବ ଶ୍ରୀ ବିଶିକେଶନ ଦେହୁରୀ, ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ପାଣିଗ୍ରାହୀ, ଏନ୍‌ଆଇସିର ରାଜ୍ୟ ସୂଚନା ଅଧିକାରୀ ଶ୍ରୀମତୀ କସ୍ତୁରୀ ଦାଶ, ପି.ସି ଏବଂ ପି.ଏନ୍.ଡି.ଟିର ରାଜ୍ୟ ନୋଡାଲ୍ ଅଧିକାରୀ ଡ. ପ୍ରତିଭା ପ୍ରଧାନ, ଷ୍ଟେଟ୍ ଫେସିଲିଟେଟର ଡ. ଶ୍ରାବଣୀ ଦାସ, ଆଇନ ପରାମର୍ଶଦାତା ଶ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ